# NATIONAL NEWS BULLETIN (ODIA)

**23 March - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଭୁଟାନ ପ୍ରଧାନମନ୍ତ୍ରୀ ଥିମ୍ପୁ ଠାରେ ଏକ ହସ୍ପିଟାଲକୁ ଉଦ୍‌ଘାଟନ କରିଛନ୍ତି ।

- TMC ନେତା ମହୁଆ ମୋଇତ୍ରା  ଅର୍ଥ ନେଇ ପ୍ରଶ୍ନ କରିବା ମାମଲାରେ CBI କୋଲକାତା ସମେତ ବିଭିନ୍ନ ସ୍ଥାନରେ ଖାନତଲାସି କରିଛି ।

- ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି ।

- ମସ୍କୋ ସନ୍ତ୍ରାସବାଦୀ ଆକ୍ରମଣର ଆନ୍ତର୍ଜାତିକ ସ୍ତରରେ ତୀବ୍ର ନିନ୍ଦା କରାଯାଇଛି ।

ଏବଂ

- ଭାରତୀୟ ନୌଜାହାଜ **କୋଲକାତା** ୩୫ ଜଣ ସୋମାଲିଆ ଜଳଦସ୍ୟୁଙ୍କ ସହ ଆଜି ମୁମ୍ବାଇରେ ପହଞ୍ଚିଛି ।

## ଇଣ୍ଡିଆ-ଭୁଟାନ୍

ଭାରତ ପରବର୍ତ୍ତୀ ୫ବର୍ଷ ମଧ୍ୟରେ ଭୁଟାନକୁ ୧୦ ହଜାର କୋଟି ଟଙ୍କା ପ୍ରଦାନ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଥିମ୍ପୁ

ଠାରେ ଏହା ଘୋଷଣା କରିଛନ୍ତି । ଭାରତ' ଭୁଟାନର ବିକାଶରେ ସହାୟତା କରିବା ବିଷୟ ସେ ଭୁଟାନ ନେତାମାନଙ୍କୁ ଆଶ୍ୱାସନା ଦେଇଛନ୍ତି । ଦୁଇଦେଶ ମଧ୍ୟରେ ଦ୍ୱିପକ୍ଷୀୟ ସଂପର୍କ ଯୋଗୁଁ ଯୋଗାଯୋଗ, ମୌଳିକ ଢ଼ାଞ୍ଚା, ବାଣିଜ୍ୟ ଓ ଶକ୍ତି ଉତ୍ପାଦନ ବୃଦ୍ଧି ପାଇବ । ଦୁଇଦେଶ ମଧ୍ୟରେ ଅନେକ ବୁଝାମଣା ସ୍ମାରକପତ୍ର ସ୍ୱାକ୍ଷରିତ ହୋଇଛି । ସେଗୁଡ଼ିକ ଶକ୍ତି, ବାଣିଜ୍ୟ, ଡିଜିଟାଲ ସଂଯୋଗ, ମହାକାଶ ଓ କୃଷି ଭଳି କ୍ଷେତ୍ରରୁ ରହିଛି । ଦୁଇଦେଶ ମଧ୍ୟରେ ରେଳ ସଂପର୍କ ସ୍ଥାପନ ପାଇଁ ଏକ ବୁଝାମଣା ସ୍ମାରକପତ୍ର ଚୂଡ଼ାନ୍ତ ହୋଇଛି । ଭୁଟାନକୁ ଭାରତର ଅର୍ଥନୈତିକ ସହାୟତା ବିଷୟରେ ସୂଚନା ଦେଇ ବୈଦେଶିକ ସଚିବ ବିନୟ ମୋହନ କ୍ୱାତ୍ରା କହିଛନ୍ତି ଭାରତର ସହାୟତା ମଧ୍ୟରେ ଭୁଟାନକୁ ଅର୍ଥନୈତିକ ସାହାଯ୍ୟ ଅନ୍ତର୍ଭୁକ୍ତ ହୋହଇଛି ।

ଶ୍ରୀ ମୋଦୀ ଗତକାଲି ଭୁଟାନ ରାଜା ଜିଗ୍‌ମେ ଖେଶର ଲାମ୍‌ଗେନ୍ ଓ୍ୱାଙ୍ଗଚୁକ୍‌ଙ୍କୁ ସାକ୍ଷାତ କରିଥିଲେ । ସେ ଭୁଟାନ ପ୍ରଧାନମନ୍ତ୍ରୀ ଶେରିଙ୍ଗ୍ ଟବଗେ ଙ୍କ ସହ କଥାବାର୍ତ୍ତା କରିଛନ୍ତି । ଶ୍ରୀ ମୋଦୀ ଓ ଭୁଟାନ ନେତାମାନେ ଦୁଇଦେଶ ମଧ୍ୟରେ ସଂପର୍କର ସମୀକ୍ଷା କରିଛନ୍ତି । ବୁଝାମଣା ସ୍ମାରକପତ୍ର ଗୁଡ଼ିକ ଭାରତ-ଭୁଟାନ ସଂପର୍କକୁ ଉଚ୍ଚ ଶିଖରକୁ ନେଇଯିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଓ ଭୁଟାନ ପ୍ରଧାନମନ୍ତ୍ରୀ ଥିମ୍ପୁ ଠାରେ ଏକ ହସ୍ପିଟାଲକୁ ଉଦ୍‌ଘାଟନ କରିଛନ୍ତି । ସେହି ହସ୍ପିଟାଲଟି ଭାରତ ସହାୟତାରେ ନିର୍ମିତ ହୋଇଛି । ହସ୍ପିଟାଲଟି ଦୁଇଟି ପର୍ଯ୍ୟାୟରେ ନିର୍ମିତି

ହୋଇଛି । ପ୍ରଥମ ପର୍ଯ୍ୟାୟରେ ୨୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏହା ୨୦୧୯ରୁ କାର୍ଯ୍ୟକ୍ଷମ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟରେ ୧୧୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ନବନିର୍ମିତ ହସ୍ପିଟାଲ ଭୁଟାନରେ ଗର୍ଭବତୀ ମହିଳା ଓ ନବଜାତ ଶିଶୁମାନଙ୍କୁ ସେବା ପ୍ରଦାନ କରିବ । ସେହି ହସ୍ପିଟାଲରେ ବହୁ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି । ହସ୍ପିଟାଲ ଉଦ୍‌ଘାଟନ କରିବା ପରେ ଶ୍ରୀ ମୋଦୀ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

## ସିବିଆଇ ମୋଇତ୍ରା

TMC ନେତା ମହୁଆ ମୋଇତ୍ରା ଜଡ଼ିତ ଥିବା ଅର୍ଥ ନେଇ ପ୍ରଶ୍ନ କରିବା ମାମଲାରେ CBI କୋଲକାତା ସମେତ ବିଭିନ୍ନ ସ୍ଥାନରେ ଖାନତଲାସି କରିଛି । ଖବର ଅନୁସାରେ CBI କୋଲକାତାସ୍ଥିତ ଶ୍ରୀମତୀ ମୋଇତ୍ରାଙ୍କ ବାସଭବନରେ ଖାନତଲାସି କରିଛି । ପୂର୍ବରୁ CBI ତାଙ୍କ ବିରୁଦ୍ଧରେ ଏକ FIR ରୁଜୁ କରିଥିଲା । ଏଥିପାଇଁ ଲୋକପାଙ୍କ ଠାରୁ ନିର୍ଦ୍ଦେଶ ମିଳିଥିଲା । ୬ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଲୋକପାଳ CBIକୁ କହିଥିଲେ । ମହୁଆ ମୋଇତ୍ରାଙ୍କୁ ଗତବର୍ଷ ଡିସେମ୍ବର ମାସରେ ଲୋକସଭାରୁ ବରଖାସ୍ତ କରାଯାଇଥିଲା । ତାହା ପୂର୍ବରୁ ଏକ ସଂସଦୀୟ ନୈତିକ କମିଟି ତାଙ୍କୁ ବରଖାସ୍ତ କରାଯିବାକୁ ସୁପାରିଶ କରିଥିଲା । ଜଣେ

ବ୍ୟବସାୟୀଙ୍କ ଠାରୁ ଅର୍ଥ ନେଇ ସେ ପାର୍ଲାମେଣ୍ଟରେ ପ୍ରଶ୍ନ ଉତ୍ଥାପନ କରିଥିବାର ଅଭିଯୋଗ ରହିଥିଲା ।

## ବାନ୍ଦିପୋରା ଲୋକସଭା ଇଲେକ୍ସନ

୨୦୨୪ ସଂସଦୀୟ ନିର୍ବାଚନରେ ପ୍ରଥମ ପର୍ଯ୍ୟାୟ ମତଦାନ ସକାଶେ ଇଲେକ୍ଟ୍ରୋନିକ୍ ଭୋଟିଙ୍ଗ୍ ମେସିନ୍ ଗୁଡ଼ିକର ର୍ୟାଣ୍ଡମାଇଜେସନ୍ ଗତକାଲି ବାନ୍ଦିପୋରା ସ୍ଥିତ VC ମିନି ସେକ୍ରେଟାରୀଏଟ୍ ଠାରେ ସଂପନ୍ନ ହୋଇଛି । ଜିଲ୍ଲା ନିର୍ବାଚନ ଅଫିସରଙ୍କ ତଦାରଖରେ EVM ଗୁଡ଼ିକର ର୍ୟାଣ୍ଡମାଇଜେସନ୍ କରାଯାଇଥିଲା । ଏହି ସମୟରେ ସେଠାରେ ଜିଲ୍ଲା ଉପ-ନିର୍ବାଚନ ଅଫିସର ଉପସ୍ଥିତ ଥିଲେ । ଏହା ବ୍ୟତୀତ EVM ପରିଚାଳନା ନୋଡାଲ୍ ଅଫିସର ଓ ଅନ୍ୟ ଅଫିସରମାନେ ଉପସ୍ଥିତ ଥିଲେ । ବରିଷ୍ଠ ଅଫିସରମାନେ ଭର୍ଚୁଆଲ୍ ମୋଡ୍‌ରେ କାର୍ଯ୍ୟର ତଦାରଖ କରିଥିଲେ ।

ଏହି ଅବସରରେ ଜିଲ୍ଲା ନିର୍ବାଚନ ଅଫିସର ସମସ୍ତଙ୍କୁ ର୍ୟାଣ୍ଡମାଇଜେସନ୍ ପ୍ରକ୍ରିୟା ବିଷୟରେ ଜଣାଇଥିଲେ । ନିର୍ବାଚନ ପ୍ରକ୍ରିୟାକୁ ନିରପେକ୍ଷ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଏଭଳି କରାଯାଇଥିଲା । ଜିଲ୍ଲା ନିର୍ବାଚନ ଅଫିସର କହିଥିଲେ ର୍ୟାଣ୍ଡମାଇଜେସନ୍ ଦ୍ୱାରା କୌଣସି ପକ୍ଷପାତ କିମ୍ବା ହେରଫେର କରାଯାଇ ପାରିବ ନାହିଁ । ଏଥିପାଇଁ ଉଦ୍ଦିଷ୍ଟ ସଫ୍ଟଓୟାର୍‌ର ବ୍ୟବହାର କରାଯାଇ ର୍ୟାଣ୍ଡମାଇଜେସନ କରାଯାଇଛି ।

# ବିଜେପି ସିଇସି

ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟିର ଆଜି ନୂଆଦିଲ୍ଲୀରେ ବୈଠକ ବସିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଏଥିରେ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କର ନାମ ଚୂଡ଼ାନ୍ତ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ସଭାପତି ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ଅନ୍ୟ ନେତାମାନେ ଏଥିରେ ଯୋଗଦେବେବେ ।

# ରୁଷ୍-ଏମ୍ବାସି ଦିଲ୍ଲୀ

ମସ୍କୋରେ ସନ୍ତ୍ରାସବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକମାନଙ୍କ ପ୍ରତି ଶୋକ ପ୍ରକାଶ ସ୍ୱରୂପ ନୂଆଦିଲ୍ଲୀସ୍ଥିତ ରୁଷ୍ ଦୂତାବାସରେ ରୁଷୀୟ ଜାତୀୟ ପତାକାକୁ ଅର୍ଦ୍ଧନମିତ ରଖାଯାଇଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଦୂତାବାସ' ମୃତ ଲୋକମାନଙ୍କ ପରିବାରକୁ ଶୋକବାର୍ତ୍ତା ଜଣାଇବା ସହ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛି ।

# ସୋମାଲି ପାଇରେଟ୍ସ

ଭାରତୀୟ ନୌଜାହାଜ **କୋଲକାତା** ୩୫ ଜଣ ସୋମାଲିଆ ଜଳଦସ୍ୟୁଙ୍କ ସହ ଆଜି ମୁମ୍ବାଇରେ ପହଞ୍ଚିଛି । ଏହି ଜାହାଜକୁ ଜଳଦସ୍ୟୁ ନିବାରଣ କାର୍ଯ୍ୟ ପାଇଁ ମୁତୟନ କରାଯାଇଥିଲା । ଜଳଦସ୍ୟୁମାନଙ୍କୁ

ୟେଲୋ ଗେଟ୍ ପୋଲିସ୍‌କୁ ହସ୍ତାନ୍ତର କରାଯାଇଛି । ସେହି ଜାହାଜଟି ଏଡେନ୍ ଉପସାଗରରେ ଜଳଦସ୍ୟୁ କାର୍ଯ୍ୟର ମୁକାବିଲା ପାଇଁ ମୁତୟନ କରାଯାଇଥିଲା ।

ଭାରତୀୟ ନୌବାହିନୀ ଜଳଦସ୍ୟୁମାନେ ଥିବା ଜାହାଜକୁ ଅଟକାଇଥିଲା ଓ **ଆଇଏନ୍‌ଏସ୍ କୋଲକାତା** ଏହାର ଡ୍ରୋନ୍ ସହାୟତାରେ ଜଳଦସ୍ୟୁମାନଙ୍କର ଉପସ୍ଥିତି ବିଷୟରେ ନିଶ୍ଚିତ ହୋଇଥିଲା । ଜଳଦସ୍ୟୁମାନଙ୍କ ଦ୍ୱାରା ଡ୍ରୋନ୍ ଗୁଡ଼ିକୁ ନଷ୍ଟ କରିବା ଓ ଗୁଳି ଚଳାଯିବା ସତ୍ତ୍ୱେ ଆଇଏନ୍‌ଏସ୍ କୋଲକାତା MV ରୁଏନ୍ ନାମକ ସେହି ଜାହାଜକୁ ଅଚଳ କରିଥିଲା । ଗୁଳିବିନିମୟ ମଧ୍ୟରେ ଭାରତୀୟ ବିମାନ ବାହିନୀ କମାଣ୍ଡୋମାନେ ପାରାଚୁଟ୍ ସାହାଯ୍ୟରେ ଜାହାଜ ମଧ୍ୟକୁ ପ୍ରବେଶ କରିଥିଲେ ଓ ୩୫ ଜଣ ସୋମାଲିଆ ଜଳଦସ୍ୟୁଙ୍କୁ ଗିରଫ କରିଥିଲେ ।

# ପଞ୍ଜାବ ଲିକର ଡେଥ୍

ପଞ୍ଜାବରେ ବିଷାକ୍ତ ମଦ୍ୟପାନ ଜନିତ ମୃତ୍ୟୁ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି । ହସ୍ପିଟାଲରେ ଚିକିତ୍ସି ହେଉଥିବା ଆଉ ୬ ଜଣ ଲୋକଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଏକ ସ୍ୱତନ୍ତ୍ର ପୋଲିସ୍ ଟିମ୍ ଘଟଣାର ତଦନ୍ତ କରୁଛି ଓ ଏପର୍ଯ୍ୟନ୍ତ ୮ ଜଣ ଲୋକଙ୍କୁ ଗିରଫ କରାଯାଇଛି । ସଙ୍ଗରୁର୍ ଜିଲ୍ଲାର ବିଭିନ୍ନ ଗ୍ରାମରୁ ସେହି ଲୋକମାନେ ଥିବାର ଜଣାପଡ଼ିଛି ।

# ଡବ୍ଲୁବି-ଇଲେକ୍ସନ

ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ୨୭ ତାରିଖ ରହିଛି । ଏପ୍ରିଲ୍ ୧୯ ତାରିଖରେ ଅଲୀପୁରଦୁଆର, ଜଲପାଇଗୁଡ଼ି ଓ କୁଚ୍‌ବିହାରରେ ମତଦାନ ହେବ । ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ମୁତୟନ ହୋଇସାରିଛନ୍ତି । ସାଧାରଣ ଓ ପୋଲିସ୍ ପର୍ଯ୍ୟବେକ୍ଷକମାନେ ଖୁବ୍‌ଶୀଘ୍ର ସେଠାରେ ଯାଇ ପହଞ୍ଚିବେ । ପଶ୍ଚିମବଙ୍ଗର ସମସ୍ତ ରାଜନୈତିକ ଦଳ ବହୁମାତ୍ରାରେ ଆଶାବାଦୀ ହୋଇପଡ଼ିଛନ୍ତି । ଅବାଧ ଓ ନିରପେକ୍ଷ ନିର୍ବାଚନକ ନିଶ୍ଚିତ କରିବା ଲାଗି କେନ୍ଦ୍ରୀୟ ନିର୍ବାଚନ ବାହିନୀ ଗୁଡ଼ିକ ପଶ୍ଚିମବଙ୍ଗରେ ପହଞ୍ଚିଛନ୍ତି ।

ପଶ୍ଚିମବଙ୍ଗରେ ୭ଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ହେବ । ପଶ୍ଚିମବଙ୍ଗର ଲୋକସଭା ଆସନ ସଂଖ୍ୟା ହେଉଛି ୪୨ ।

# ଜୟଶଙ୍କର-ସିଙ୍ଗାପୁର

ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ସିଙ୍ଗାପୁରକୁ ୩ ଦିନ ଗସ୍ତରେ ଯାଇଛନ୍ତି । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତାଙ୍କର ଗସ୍ତ ଆରମ୍ଭ ହୋଇଛି । ସେ ଇଣ୍ଡିଆନ୍ ନ୍ୟାଶନାଲ୍ ଆର୍ମି ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି ସିଙ୍ଗାପୁରସ୍ଥିତ INA ମାର୍କର ସେମାନଙ୍କର

ଦେଶପ୍ରେମ ଓ ଅଦମ୍ୟ ସାହସର ପରିଚୟ ପ୍ରଦାନ କରେ । ଏହା ଅନେକ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇଛି ।

# ବିଜେପି ଆପ୍

ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚ୍‌ଦେବା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ ଏବଂ ଅନ୍ୟ ନେତାମାନେ ରାଜଘାଟ ଠାରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବାକୁ ସେମାନେ ସଂକଳ୍ପ ନେଇଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଇସ୍ତଫା ଦେବାକୁ ସେମାନେ ଦାବି କରିଛନ୍ତି ।

ଇତିମଧ୍ୟରେ ଅରବିନ୍ଦ କେଜରିୱାଲଙ୍କ ପତ୍ନୀ ସୁନୀତା କେଜରିୱାଲ ଆଜି ଶ୍ରୀ କେଜରିୱାଲଙ୍କ ସନ୍ଦେଶକୁ ପାଠ କରି ପାର୍ଟି କର୍ମୀମାନଙ୍କୁ ଶୁଣାଇଛନ୍ତି । ଶ୍ରୀ କେଜରିୱାଲ କହିଛନ୍ତି ସେ ଜେଲ୍‌ରେ ରହନ୍ତୁ କି ବାହାରେ ରହନ୍ତୁ, ସର୍ବଦା ଦେଶସେବା ଜାରି ରହିବ ।

# ରୁଷ୍ ଆଟାକ୍ ରିଆକ୍ସନ

ମସ୍କୋ ସନ୍ତ୍ରାସବାଦୀ ଆକ୍ରମଣର ଆନ୍ତର୍ଜାତିକ ସ୍ତରରେ ତୀବ୍ର ନିନ୍ଦା କରାଯାଇଛି । ଜାତିସଂଘ ମୁଖ୍ୟ ଓ ନିରାପତ୍ତା ପରିଷଦ ଏହି ଆକ୍ରମଣରେ ଉପଯୁକ୍ତ ନ୍ୟାୟ ହେବାକୁ ଦାବି କରିଛନ୍ତି । ଇସ୍‌ଲାମିକ୍ ଷ୍ଟେଟ୍ ଖୋରାସାନ୍ ଏହି ଆକ୍ରମଣ କରିଥିବାର ଦାବି କରିଛି । ଜାତିସଂଘ ସେକ୍ରେଟାରୀ ଜେନେରାଲ୍ ଆଣ୍ଟୋନିଓ ଗୁଟେରସ୍ ଆକ୍ରମଣ ଉପରେ ଦୁଃଖ ପ୍ରକାଶ

କରିଛନ୍ତି । ସେ କହିଛନ୍ତି ଏହି ଆକ୍ରମଣର କଟୂ ନିନ୍ଦା କରାଯାଉଛି । ଜାତିସଂଘ ନିରାପତ୍ତା ପରିଷଦ ମଧ୍ୟ ରୁଷ୍ ସରକାରଙ୍କୁ ସହଯୋଗ କରିବାକୁ ଆହ୍ୱାନ ଦେଇଛି । ଯେଉଁମାନେ ଏଥିପାଇଁ ଦାୟୀ, ସେମାନଙ୍କର ଉପଯୁକ୍ତ ବିଚାର କରାଯିବାକୁ ପରିଷଦ କହିଛି । ଏକ ବିବୃତିରେ ନିରାପତ୍ତା ପରିଷଦ କହିଛି ଯେଉଁମାନେ ଏହି ସନ୍ତ୍ରାସବାଦୀ ଆକ୍ରମଣ ସହ ସଂପୃକ୍ତ ଅଛନ୍ତି, ସେମାନଙ୍କର ଉପଯୁକ୍ତ ଦଣ୍ଡ ବିଧାନରେ ସମସ୍ତଙ୍କୁ ସହଯୋଗ କରିବାକୁ ହେବ । ଏକ ବିବୃତିରେ ନିରାପତ୍ତା ପରିଷଦ ଏହି ଭୀରୁତାପୂର୍ଣ୍ଣ କାର୍ଯ୍ୟର କଟୂଭାଷାରେ ନିନ୍ଦା କରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମସ୍କୋ ସନ୍ତ୍ରାସବାଦୀ ଆକ୍ରମଣର ଘୋର ନିନ୍ଦା କରିଛନ୍ତି । ଆମେରିକା, ୟୁରୋପୀୟ ସଂଘ, ବ୍ରିଟେନ୍, ଫ୍ରାନ୍ସ, ସ୍ପେନ୍ ଓ ସଂଯୁକ୍ତ ଆରବ ଏମିରେଟ୍ସ ଏହି ସନ୍ତ୍ରାସବାଦୀ ଆକ୍ରମଣର ତୀବ୍ର ନିନ୍ଦା କରିଛନ୍ତି ।